## କାନାରା ବ୍ୟାଙ୍କରେ ତାଲା କାଟି ଚୋରି ଉଦ୍ୟମ

ସିମୁଳିଆ,(ଡି.ଏନ.ଏ.):ବାଲେଶ୍ୱର ଜିଲା ସିମୁଳିଆ ଥାନାଠାରୁ ମାତ୍ର ଶହେ ମିଟର ଦୂର ମାର୍କୋଣା କାନାରା ବ୍ୟାଙ୍କର ମୁଖ୍ୟ ଗ୍ରୀଲ୍ ତାଲା କାଟି ଗୁରୁବାର ରାତିରେ ଚୋରି ଉଦ୍ୟମ ହୋଇଛି। ଶୁକ୍ରବାର ମଧ୍ୟାହ୍ନରେ ପୋଲିସ ସନ୍ଧାନୀ କୁକୁର ଆଣି ତଦନ୍ତ କରିଥିଲା। ଦିନସାରା ଏହି ବ୍ୟାଙ୍କ ବନ୍ଦ ରହିଥିଲା। ତଦନ୍ତ ପରେ ଅଭିଯୁକ୍ତଙ୍କ ବିଷୟରେ ଜଣାପଡ଼ିବ ବୋଲି ଶାଖା ପରିଚାଳକ ବିଧୁଭୂଷଣ ନାୟକ ସୂଚନା ଦେଇଛନ୍ତି।

# ସର୍ଭେରେ ଅଟକିଛି ପାନୀୟ ଜଳ ପ୍ରକଳ୍ପ

**ଜଳେଶ୍ୱର, ୩୦।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ସୁବର୍ଣ୍ଣରେଖା ନଦୀଜଳକୁ ବିଶୋଧନ କରି ବିଶୁଦ୍ଧ ଜଳ ଜନସାଧାରଣଙ୍କୁ ଯୋଗାଇବା ଲାଗି ଏକ ପ୍ରକଳ୍ପ ୫ ବର୍ଷ ପୂର୍ବେ ମଞ୍ଜୁର ହୋଇଥିଲା। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନୁମୋଦନକ୍ରମେ ଅନ୍ତର୍ଜାତୀୟ ସଂସ୍ଥା ଦ୍ୱାରା ଡିପିଆର୍ ସରିଥିଲେ ମଧ୍ୟ ପ୍ରକଳ୍ପ ପ୍ରତିଷ୍ଠା ହୋଇପାରି ନ ଥିବାରୁ ଜଳେଶ୍ୱର ପୌରପରିଷଦ, ବ୍ଲକର ୩୫ ପଞ୍ଚାୟତ ଓ ବସ୍ତା ବ୍ଲକର ୧୩ ପଞ୍ଚାୟତ ବିଶୁଦ୍ଧ ପାଣି ପାଇବାରୁ ବଞ୍ଚିତ ରହିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ସୁବର୍ଣ୍ଣରେଖା ନଦୀରୁ ପାଣି ଉତ୍ତୋଳନ କରି ବିଶୁଦ୍ଧ ହେବା ପରେ ପ୍ରାୟ ୩.୫ଲକ୍ଷ ଲୋକଙ୍କର ଚାହିଦା ମେଣ୍ଟାଇବାର ବ୍ୟବସ୍ଥା ରହିଛି । ହେଲେ ସର୍ଭେ ପରେ ଅଟକି ରହିଛି ୪ଶହ କୋଟିର ପାନୀୟଜଳ ପ୍ରକଳ୍ପ।

ପ୍ରଥମ ପର୍ଯ୍ୟାୟରେ ଜଳେଶ୍ୱର ପୌରପାଳିକାରେ ଥିବା ୧୭ଟି ୱାର୍ଡର ୩୦ହଜାର ଲୋକଙ୍କୁ ବିଶୁଦ୍ଧ ପାଣି ଯୋଗାଇବା ଲାଗି ବାଙ୍ଗାଲୋରସ୍ଥିତ କେନ୍ଦ୍ରୀୟ ପରିବେଶ ବିକାଶ ସଂସ୍ଥା ଚୁକ୍ତି କରିଥିଲେ । ଏହାର ଏକ ଡିପିଆର୍ ଗତ ୫ବର୍ଷ ତଳେ ପ୍ରସ୍ତୁତ ହୋଇଥିଲା । ପ୍ରଥମେ ପ୍ରାୟ ୫୦କୋଟି ଟଙ୍କା ବ୍ୟୟବରାଦରେ ପୌରପରିଷଦର ଶାସନବାର୍ଡଠାରୁ ସୁବର୍ଣ୍ଣରେଖା ନଦୀର ପାଣି ଉତ୍ତୋଳନ କରି ସୀତାବାଘୀପଦାଠାରେ ବିଶୋଧନ ହେବାର ବ୍ୟବସ୍ଥା ଥିଲା। ଜଳେଶ୍ୱର ଷ୍ଟାଡିୟମ ନିକଟ ଦେଉଳି ପଞ୍ଚୁଘଣ୍ଟା ଓ ନହଞ୍ଜାରାଠାରେ ଅନ୍ୟ ୨ଟି ବିଶୋଧନ କେନ୍ଦ୍ର ପ୍ରତିଷ୍ଠା ହେବାର ଯୋଜନା ଥିଲା । ଫଳରେ ଆସନ୍ତା ୨୫ବର୍ଷ ପାଇଁ ପୌରାଞ୍ଚଳର ୬୦ ହଜାର ଲୋକଙ୍କ ବିଶୁଦ୍ଧ ପିଇବା ପାଣି ୪ଟି ଓଭରହେଡ ଟ୍ୟାଙ୍କ ମାଧ୍ୟମରେ ଯୋଗାଇବାର ଡିପିଆର୍ ପ୍ରସ୍ତୁତ ହୋଇଥିଲା । ଆବଶ୍ୟକସ୍ଥଳେ ନିକଟସ୍ଥ ୨ରୁ ୩ ପଞ୍ଚାୟତକୁ ମଧ୍ୟ ଏହି ପିଇବା ପାଣି ଯୋଗାଣ ବ୍ୟବସ୍ଥା ଥିଲା ।


ସୁବର୍ଣ୍ଣରେଖା ନଦୀ।

ସୁବର୍ଣ୍ଣରେଖା ନଦୀ ଜଳେଶ୍ୱରକୁ ୨ ଭାଗ କରୁଥିବାରୁ ନଦୀର ପଶ୍ଚିମପଟେ ୧୪ଟି ପଞ୍ଚାୟତର ୧ଲକ୍ଷ ଲୋକଙ୍କ ପିଇବା ପାଣି ପାଇଁ ରାଇବଣିଆର ମାକିଡିଆ–କୁଆଁରପୁରଠାରେ ସୁବର୍ଣ୍ଣରେଖା ଜଳ ବିଶୋଧନ ବ୍ୟବସ୍ଥା ହୋଇଥିଲା। ସେହିପରି ନଦୀର ପୂର୍ବପଟେ ଥିବା ଜଳେଶ୍ୱର ବ୍ଲକର ୨୧ଟି ଓ ବସ୍ତା ବ୍ଲକର ୧୪ ପଞ୍ଚାୟତକୁ ବିଶୁଦ୍ଧ ପିଇବା ପାଣି ଯୋଗାଇବା ଲାଗି ରାଜଘାଟଠାରେ ନଦୀରୁ ପାଣି ଉତ୍ତୋଳନ ଓ ବିଶୋଧନ ବ୍ୟବସ୍ଥା ଲାଗି ପ୍ରକଳ୍ପ ବ୍ୟବସ୍ଥା ଥିଲା । ଏହି ୨ ପ୍ରକଳ୍ପ ଲାଗି ୩୫୦ କୋଟି ଟଙ୍କାର ପ୍ରକଳ୍ପକୁ ସବୁଜ ସଂକେତ ମିଳିଥିଲା । ଏହି ୩ଟି ପ୍ରକଳ୍ପକୁ ଜନସ୍ୱାସ୍ଥ୍ୟ ବିଭାଗ (ଆର୍‌ଡବ୍ଲୁଏସ୍‌ଏସ୍) ବିଭାଗ ସର୍ଭେ ଶେଷ କରିଥିଲା । ଏପରି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଭୂତଳ ଜଳର ଚାହିଦା ପ୍ରାୟ ୬୫ଭାଗ କମ୍ ହେବ ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ସର୍ଭେ ପରେ ଏହି ପ୍ରକଳ୍ପରେ ଡୋରି ବନ୍ଧାଯାଇ ନାଳିଫିତା ତଳେ ପଡି ରହିଛି । ଏ ସମ୍ପର୍କରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର କହିଛନ୍ତି, ୫ ବର୍ଷ ପୂର୍ବରୁ ସର୍ଭେ ହୋଇଥିଲା। କିନ୍ତୁ ଏବେ ସେହି ପ୍ରକଳ୍ପ ନିର୍ମାଣ ନେଇ ସରକାରଙ୍କ କୌଣସି ଯୋଜନା ନାହିଁ।

## ସଂକ୍ଷେପରେ

### ସୁନା ନଦୀରେ ଭାସି ଯୁବକ ନିଖୋଜ

**ଯୋଡ଼ା,୩୦।୭(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ୭ନଂ ୱାର୍ଡ଼ ଉଲି ହଟିଙ୍ଗରେ ରହୁଥିବା ପୁତୁଲୁ ମୁଣ୍ଡା ସ୍ଥାନୀୟ ସୁନା ନଦୀରେ ଭାସି ନିଖୋଜ ହୋଇ ଯାଇଛନ୍ତି। ଶୁକ୍ରବାର ସକାଳେ ସେ ନଦୀକୁ ମାଛ ଧରିବାକୁ ଯାଇଥିବା ବେଳେ ପ୍ରଖର ସ୍ରୋତରେ ଭାସିଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ନ ପାଇବାରୁ ବିଲେଇପଦା ଅଗ୍ନିଶମ ବାହିନୀକୁ ଜଣାଇ ଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।

### ପୋଖରୀରେ ବୁଡ଼ି ମହିଳା ମୃତ

**ରୂପ୍‌ସା, ୩୦।୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ନଳବାହାର ଗ୍ରାମର ରୂପାଲି ମାଝି (୨୫) ନାମ୍ନୀ ମହିଳା ଶୌଚ ହେବାକୁ ଯାଇ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଗୁରୁବାର ସେ ବିଲ କାମ ସାରି ସନ୍ଧ୍ୟାରେ ନିକଟସ୍ଥ ଗାଁ ପୋଖରୀକୁ ଶୌଚ ହେବାକୁ ଯାଇଥିଲେ। ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ। ପରେ ଗାଁ ପୋଖରୀରେ ଭାସମାନ ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଦେଖିବାକୁ ପାଇଥିଲେ। ତାଙ୍କୁ ବସ୍ତା ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଅପମୃତ୍ୟୁ ମାମଲା (ନଂ. ୧୮/୨୧) ରୁଜୁ କରି ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଇଛି।

### ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ମୃତ

**ବାରିପଦା ଅଫିସ,୩୦।୭:** ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ସାନମଣଦା ନିକଟରେ ଗୁରୁବାର ରାତିରେ ଦୁର୍ଘଟଣାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ସ୍ଥାନୀୟ ଯୋଡ଼ାପୋଖରୀ ଗ୍ରାମର ସାଉନା ମୁର୍ମୁ(୨୯) ଓ ପଶ୍ଚିମବଙ୍ଗ ବାଙ୍କୁରା ଅଞ୍ଚଳର ଗୁଲାମ ମୁସ୍ତଫା(୩୫)। ପୋଲିସ ମାମଲା (ନଂ.୯୮/୨୧) ରୁଜୁ କରି ତଦନ୍ତ ଚଳାଇଛି। ମୃତକ ଦ୍ୱୟ ଦୁଇଟି ବାଇକ୍‌ରେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସାଉନାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଅବସ୍ଥାରେ ଗୁଲାମଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାଏକ ପ୍ରକାଶ କରିଛନ୍ତି।

### ଚିଙ୍ଗୁଡ଼ି ପ୍ଲାଣ୍ଟ ପୋଖରୀରୁ ମିଳିଲା କର୍ମଚାରୀଙ୍କ ମୃତଦେହ

**ବାସୁଦେବପୁର, ୩୦।୭ (ଡି.ଏନ.ଏ.)**
ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବାଲିମୁଣ୍ଡା ଅଞ୍ଚଳରେ ଏକ ଚିଙ୍ଗୁଡ଼ି ପ୍ଲାଣ୍ଟର ପୋଖରୀରୁ ଚୈତନ୍ୟ ସିଂ ନାମକ କର୍ମଚାରୀଙ୍କ ମୃତଦେହ ଗୁରୁବାର ରାତିରେ ମିଳିଛି। ମୃତ ଚୈତନ୍ୟଙ୍କ ଘର ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ଜତିପାଳ ଗ୍ରାମରେ। ନାୟକାଣିଡିହୀ ଥାନା ପୋଲିସ ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା(ନଂ. ୨୧/୨୧) ରୁଜୁ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି। ଚୈତନ୍ୟଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନାହିଁ। ଅଧିକ ତଦନ୍ତ ଲାଗି ପରିବାର ପକ୍ଷରୁ ଦାବି ହୋଇଛି।

## ପ୍ରସ୍ତାବିତ ୩ ରାଜସ୍ୱ କ୍ଷେତ୍ର ଅଧୀନରେ ୯ ପଞ୍ଚାୟତ

**ଖଇରା, ୩୦।୭(ଡି.ଏନ.ଏ.)**

ଓଡିଶା ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ବାଲେଶ୍ୱର ଜିଲାରେ ପ୍ରସ୍ତାବିତ ୪୫ଟି ନୂଆ ରାଜସ୍ୱ କ୍ଷେତ୍ର ସୃଷ୍ଟି ପାଇଁ ଘୋଷଣା କରାଯାଇଛି। ଏଥମଧ୍ୟରେ ଖଇରା ବ୍ଲକର ୩ଟି ସର୍କଲ ରହିଛି । ଏଗୁଡିକ ହେଲା ଗୋଳିହା, ମହତୀପୁର ଓ କୋଚିଆକୋଇଲି । ଏହି ୩ ପ୍ରସ୍ତାବିତ କ୍ଷେତ୍ର ଅଧୀନରେ ୯ ପଞ୍ଚାୟତ ରହିଛି। ଗୋଳିହା ଅଧୀନରେ ଗୋଳିହା, ନହଙ୍ଗ ଓ ଝିଙ୍କିରିଆ ପଞ୍ଚାୟତ ଓ ମହତୀପୁର ଅଧୀନରେ ମହତୀପୁର, ସୁଣ୍ଡିରା–ଗଣ୍ଡିବେଡ, ନନ୍ଧୁର ପଞ୍ଚାୟତ ରହିଛି । ସେହିଭଳି କୋଚିଆକୋଇଲି ଅଧୀନରେ କଇଥଗଡିଆ, ନୟାଖଣ୍ଡି ଓ ସାରକୋଣା ପଞ୍ଚାୟତ ରହିଛି।

# ଗଳାପୋଲ ନିର୍ମାଣ ଦାବିରେ ରାସ୍ତାରୋକୋ


ରାସ୍ତାରୋକୋରେ ସାମିଲ ହୋଇଥିବା ଅଞ୍ଚଳବାସୀ।

**ବାରିପଦା ଅଫିସ,୩୦।୭**

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଦେଇ ଯାଇଥିବା ୧୮ନଂ. ଜାତୀୟ ରାଜପଥର ଦାମଦୋରପୁର ଛକରେ ଗଳାପୋଲ ନିର୍ମାଣ ଦାବିରେ ସ୍ଥାନୀୟ ଲୋକେ ଶୁକ୍ରବାର ରାସ୍ତା ଅବରୋଧ କରିଥିଲେ। ଅଞ୍ଚଳର ଶତାଧିକ ମହିଳାପୁରୁଷ ଏକତ୍ରିତ ହୋଇ ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବାରମ୍ବାର ଦାବି ସତ୍ତ୍ୱେ ଜିଲା ପ୍ରଶାସନ କିମ୍ବା ଜାତୀୟ ରାଜପଥର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପକ୍ଷରୁ ସମସ୍ୟାର ସମାଧାନ କରାଯାଉ ନ ଥିବାରୁ ଲୋକେ ଆନ୍ଦୋଳନକୁ ଓହ୍ଲାଇ ଥିବା କହିଛନ୍ତି। ଘଟଣାସ୍ଥଳରେ ମାଜିଷ୍ଟ୍ରେଟ ଭାବେ ରାମଚନ୍ଦ୍ର ହାଁସଦା, ବାରିପଦା ଏସ୍‌ଡିପିଓ କେ.କେ.ହରିପ୍ରସାଦ ଓ ସଦର ଥାନାଧିକାରୀ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ଶହଶହ ଯାନବାହାନ ଅଟକି ରହିଥିଲା। ଖବରପାଇ ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ କରୁଥିବା କମ୍ପାନୀର ଅଧିକାରୀମାନେ ପହଞ୍ଚି ଆଲୋଚନା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା । ସୂଚନା ଥାଉକି, ଦାମଦୋରପୁରଠାରେ ଥିବା ରେଳ ଲେଭଲକ୍ରସିଂ ପାଇଁ ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ଏହା ଦ୍ୱାରା ଦାମଦୋରପୁର–ମୁର୍ଗାବାଡି ପର୍ଯ୍ୟନ୍ତ ଲମ୍ବିଥିବା ଦୀର୍ଘତମ ବ୍ରିଜ ଦ୍ୱାରା ଗୋଟିଏ ପଟରୁ ଅନ୍ୟପଟକୁ ଯିବାଆସିବା ପାଇଁ ସୁବିଧା ନାହିଁ। ତେଣୁ ଉକ୍ତ ସ୍ଥାନରେ ତୁରନ୍ତ ଗଳାପୋଲ ନିର୍ମାଣ କରିବା ପାଇଁ ବେତନା ପଞ୍ଚାୟତର ସରପଞ୍ଚ ଶାଲାଏ ହେମ୍ବ୍ରମ, ପିଥରାମ ହେମ୍ବ୍ରମ, ନବ କିଶୋର ବିଶ୍ୱାଳ, ବାବୁଲି ସି. ପ୍ରଫୁଲ୍ଲ ନାଏକ, ହେମନ୍ତ ବାରିକଙ୍କ ସମେତ ଶତାଧିକ ଲୋକ ଦାବି କରିଛନ୍ତି ।

## ଅସହାୟଙ୍କୁ ବଣ୍ଟାଗଲା ରାଶନ

**ଭଦ୍ରକ ଅଫିସ, ୩୦।୭**

ଭଦ୍ରକ ରୋଟାରୀ କ୍ଲବ ପକ୍ଷରୁ ଅଗ୍ରସେନ ଭବନଠାରେ ୫୫୦ ଜଣ ଅସହାୟ ପରିବାରକୁ ଶୁଖିଲା ଖାଦ୍ୟ ଓ ରାଶନ ସାମଗ୍ରୀ ବଣ୍ଟନ କରାଯାଇଛି। ଆମେରିକାରେ ରହୁଥିବା ଓଡ଼ିଆ ପରିବାର ଓ ରୋଟାରୀ କ୍ଲବର ମିଳିତ ଉଦ୍ୟମରେ କରୋନା କାଳରେ ଅସହାୟ ଲୋକଙ୍କୁ ଏହା ବଣ୍ଟନ କରାଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ୫ ପଞ୍ଚାୟତର ଲୋକଙ୍କୁ ଏହି ସହାୟତା ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଏହା ଜାରି ରହିବ ବୋଲି କୁହାଯାଇଛି।

## 'ବିଚାରପତି, ଓକିଲଙ୍କୁ ସୁରକ୍ଷା ଦିଆଯାଉ'

**ଭଦ୍ରକ ଅଫିସ,୩୦।୭**

ଭଦ୍ରକରେ ଓକିଲ ସଂଘ ପକ୍ଷରୁ ଶୁକ୍ରବାର ଏକ ଜରୁରୀ ବୈଠକ ସଂଘ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଧାନବାଦରେ ବିଚାରପତି ଉତ୍ତମ ଆନନ୍ଦଙ୍କ ହତ୍ୟାକୁ ବୈଠକରେ ନିନ୍ଦା କରାଯିବା ସହ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାସହ ବିଚାରପତି ଏବଂ ଓକିଲମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯାଉ ବୋଲି ଦାବି ହୋଇଛି। ସଂଘର ସଭାପତି ଦିଲୀପ ମହାପାତ୍ର ବୈଠକରେ ଅଧ୍ୟକ୍ଷତା କରିଥିଲେ। ବାଲେଶ୍ୱର ଜିଲା ସୋର କୋର୍ଟଙ୍କ ଜଣେ ବରିଷ୍ଠ ଆଇନଜୀବୀଙ୍କୁ ନୟାପଲ୍ଲୀ ଓ ସୋର ପୋଲିସ ମାଡ଼ ମାରି ବେଆଇନ ଭାବେ ଥାନାରେ ଅଟକ ରଖିବା ଘଟଣାର ପ୍ରତିବାଦ କରିଛି ସଂଘ । ଏହାର ପ୍ରତିବାଦରେ ଆସନ୍ତା ସୋମବାର ଗୋଟିଏ ଦିନ ଭଦ୍ରକ ଓକିଲ ସଂଘ କାର୍ଯ୍ୟ ବନ୍ଦ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ସମ୍ପାଦକ ଜିତେନ୍ଦ୍ର ପଣ୍ଡା, ଉପସଭାପତି କରୁଣାକର ଦାସ, ନିକୁଞ୍ଜ ପୁହାଣ, ଦିବ୍ୟସିଂ ନାୟକ, ପର୍ଶୁରାମ ଦ୍ୱିବେଦୀ, ଅରୁଣ ଚାନ୍ଦ, ବିଜନ ଜେନା, ପ୍ରଫୁଲ୍ଲ ସାମଲ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ ।

## ଖରିଫ ଚାଷୀଙ୍କ ଲାଗି ଆରମ୍ଭ ହେଲା ଅନ୍‌ଲାଇନ ରେଜିଷ୍ଟ୍ରେଶନ

**ବୈଶିଙ୍ଗା,୩୦।୭(ଡି.ଏନ.ଏ.)**

କୃଷି ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଲ୍ୟାମ୍ପସ ପକ୍ଷରୁ ଖରିଫ ଚାଷୀଙ୍କଠାରୁ ଧାନ କ୍ରୟ ପାଇଁ ଅନ୍‌ଲାଇନ୍ ରେଜିଷ୍ଟ୍ରେଶନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ଅଗଷ୍ଟ ୧୬ ପର୍ଯ୍ୟନ୍ତ ପଞ୍ଜୀକରଣ ଚାଲିବ ବୋଲି ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ଅଭିରାମ ପାଣି ସୂଚନା ଦେଇଛନ୍ତି। ୩୦ ତାରିଖ ସୁଦ୍ଧା ୯୦୫ଜଣ ଚାଷୀ ଆବେଦନ କରି ସାରିଥିବା ବେଳେ ସେମାନଙ୍କ ମଧ୍ୟରୁ ୨୨୫ ଦରଖାସ୍ତକାରୀଙ୍କ ଦ୍ୱାରା ପ୍ରଦତ୍ତ ବିବରଣୀ କମ୍ପ୍ୟୁଟରୀକରଣ ହୋଇ ସାରିଛି। ଆସନ୍ତା ଡ଼ିସେମ୍ବର ମାସରେ ଧାନ କିଣା ଆରମ୍ଭ ହେବ। ତେବେ ଚଳିତ ବର୍ଷ କେନ୍ଦ୍ର ସରକାରଙ୍କ ପକ୍ଷରୁ ଧାନର ଏମ୍‌ଏସ୍‌ପି ବୃଦ୍ଧି କରାଯାଇଛି ଏବଂ କୁଇଣ୍ଟାଲ ପ୍ରତି ନୂତନ ଦର ୧୯୪୦ ଟଙ୍କା ମୂଲ୍ୟରେ କ୍ରୟ କରାଯିବ। ସୂଚନାଯୋଗ୍ୟ ଯେ, ଗତବର୍ଷ ୧୮୬୮ ଟଙ୍କା ଦରରେ ଚାଷୀଙ୍କଠାରୁ ଧାନ କିଣା ଯାଇଥିଲା। ଅନ୍‌ଲାଇନ୍ ରେଜିଷ୍ଟ୍ରେଶନ ନିମନ୍ତେ ଜମି ପଟ୍ଟା, ଆଧାର କାର୍ଡ ଓ ବ୍ୟାଙ୍କ ପାସ୍ ବହିର କପି ସହିତ ଆବେଦନ ପତ୍ରରେ ଠିକ୍ ତଥ୍ୟ ଦେବା ନିମନ୍ତେ ପରିଚାଳନା ନିର୍ଦ୍ଦେଶକ ଚାଷୀମାନଙ୍କୁ ଅନୁରୋଧ କରିଛନ୍ତି।

## ମହାଳୟା ପିଣ୍ଡଦାନ ପାଇଁ ସ୍ୱତନ୍ତ୍ର ଟ୍ରେନ୍



ଖବରଦାତା ସମ୍ମିଳନୀରେ ଆଇଆର୍‌ସିଟିସିର ଆଞ୍ଚଳିକ ପରିଚାଳକ ଡା. କ୍ରାନ୍ତିପି ସାବରକର ଓ ଅନ୍ୟମାନେ।

**ଭଦ୍ରକ ଅଫିସ, ୩୦।୭**

ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜମ୍ କର୍ପୋରେଶନ (ଆଇଆର୍‌ସିଟିସି) ପକ୍ଷରୁ ମହାଳୟା ପିଣ୍ଡଦାନ ଉପଲକ୍ଷେ ତୀର୍ଥଯାତ୍ରୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ଏଥିପାଇଁ ଏକ ସ୍ୱତନ୍ତ୍ର ଟ୍ରେନ୍ ଗଡ଼ିବ। ଆସନ୍ତା ସେପ୍ଟେମ୍ବର ୨୫ରୁ ସିକନ୍ଦରାବାଦଠାରୁ ଏହି ଟ୍ରେନ୍ ବାହାରି ଓଡ଼ିଶାର ୫ଟି ଷ୍ଟେଶନ ସହ ଭଦ୍ରକ ରେଳ ଷ୍ଟେଶନ ଦେଇ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବ। ଟ୍ରେନ୍‌ଟି ବାରଣାସୀ, ପ୍ରୟାଗରାଜ ଓ ଗୟାରେ ରହିବ ବୋଲି ଶୁକ୍ରବାର ଭଦ୍ରକଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଆଇଆର୍‌ସିଟିସି ପକ୍ଷରୁ ଆଞ୍ଚଳିକ ପରିଚାଳକ ଡା. କ୍ରାନ୍ତିପି ସାବରକର ସୂଚନା ଦେଇଛନ୍ତି। ଏହି ଟ୍ରେନ୍‌ରେ ୧୦ଟି ବଗି ମଧ୍ୟରୁ ୫ଟି ଏସି ଓ ୫ଟି ସାଧାରଣ ବଗି ରହିବ। ଟ୍ରେନ୍‌ଟି ବ୍ରହ୍ମପୁର, ଖୋର୍ଦ୍ଧା, ଭୁବନେଶ୍ୱର, କଟକ, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଦେଇ ଯିବାକୁ ଥିବାରୁ ଏସବୁ ଜିଲାର ଲୋକେ ବିଶେଷ ସୁବିଧା ପାଇପାରିବେ ବୋଲି କୁହାଯାଇଛି।

## ଆବାସ ଯୋଜନାରେ ସାମିଲ ହେଉଛନ୍ତି ଅଯୋଗ୍ୟ

**ଭଦ୍ରକ ଅଫିସ, ୩୦।୭**

### ଅଭିଯୋଗ କଲେ ଗ୍ରାମବାସୀ

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ଅର୍ଣ୍ଣପାଳ ପଞ୍ଚାୟତରେ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଶୁକ୍ରବାର ଗ୍ରାମବାସୀ ଜିଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ ଓ ବିଡିଓଙ୍କୁ ଭେଟିଛନ୍ତି। ଲୋକଙ୍କୁ ଲାଞ୍ଚ ମଗାଯିବା, ଯୋଗ୍ୟ ହିତାଧିକାରୀ ବଦଳରେ ରାଜନୈତିକ ଉଦ୍ଦେଶ୍ୟ ରଖି ଅଯୋଗ୍ୟଙ୍କୁ ଏହି ଯୋଜନାରେ ସାମିଲ କରାଯାଉଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ୨୦୧୪ରୁ ଅଦ୍ୟାବଧି ଆବାସ ଯୋଜନାର ସ୍ଥାୟୀ ତାଲିକା ପ୍ରକାଶ କରା ନ ଯାଇ ଉଦ୍ଦେଶ୍ୟମୂଳକ ଭାବେ ଅଯୋଗ୍ୟଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଉଛି ବୋଲି ଅଭିଯୋଗ କରି ଗ୍ରାମବାସୀ ନରହରି ବିଶ୍ୱାଳ, ଆଦିକନ୍ଦ ନାୟକ, ପୁଷ୍ପକ ରଞ୍ଜନ ସ୍ୱାଇଁ, ମହେନ୍ଦ୍ର ଧନୀ, ସନ୍ତୋଷ ମହାନ୍ତି, ଗୋପବନ୍ଧୁ ମହାଳିକ ପ୍ରମୁଖ ଜିଲାପାଳଙ୍କ ନିକଟରେ ତଦନ୍ତ ଦାବି କରିଛନ୍ତି।

## ଭୋଗରାଇ କଲେଜର ନୂତନ ଅଧ୍ୟକ୍ଷ କୃତ୍ତିବାସ

**ଭୋଗରାଇ, ୩୦।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଆର୍‌ଆଇଏଚ୍‌ଏସ୍ ମହାବିଦ୍ୟାଳୟ (ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ)ର ନୂତନ ଅଧ୍ୟକ୍ଷ ଭାବେ କୃତ୍ତିବାସ ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ସାହୁ ପୂର୍ବରୁ ଏହି ମହାବିଦ୍ୟାଳୟରେ ପ୍ରାଣୀ ବିଜ୍ଞାନ ବିଭାଗର ବରିଷ୍ଠ ମୁଖ୍ୟ ଭାବେ ଦୀର୍ଘବର୍ଷ ଧରି ନିଷ୍ଠାପର ଭାବେ ଅଧ୍ୟାପନା କରିଆସୁଥିଲେ। ସରକାରୀ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ସେ ଏହି ଦାୟିତ୍ୱ ନେଇଥିବାର ପ୍ରକାଶ କରିଛନ୍ତି।

# ୨୨ବର୍ଷ ପରେ ଘରକୁ ଫେରିଲେ ଦିବାକର

**ଖଇରା, ୩୦।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଡଗରପଡା ପଞ୍ଚାୟତ ଅଧୀନ ଦିଘିତେନ୍ତୁଳି ଗ୍ରାମର ଦିବାକର ରାଉଳ(୪୧) ୨୨ବର୍ଷ ପରେ ଘରକୁ ଫେରିଛନ୍ତି। ଦୀର୍ଘବର୍ଷ ପରେ ପୁଅ ଘରକୁ ଫେରିଥିବାରୁ ତାଙ୍କ ପରିବାର ଲୋକେ ଖୁସିରେ ଆତ୍ମହରା ହୋଇପଡିଛନ୍ତି।

ବମ୍ବେରେ ରହୁଥିବା ଦିବାକର ୧୯୯୯ ମହାବାତ୍ୟା ବେଳେ ଘରକୁ ଆସିଥିଲେ। ଘରେ କିଛି ଦିନ ରହିବା ପରେ ସେ ପୁଣି ବମ୍ବେ ଯାଉଥିବା ବେଳେ ବାଟରେ ଜଣେ ତାନ୍ତ୍ରିକଙ୍କ ହାବୁଡରେ ପଡିଥିଲେ। ଏହାପରଠାରୁ ସେ ସ୍ମରଣଶକ୍ତି ହରାଇ ବସିଥିଲେ। ଉତ୍ତରପ୍ରଦେଶର ନିଜ ଘରକୁ ନେଇ ଏହି ତାନ୍ତ୍ରିକଜଣକ ତାଙ୍କୁ ବିଭିନ୍ନ କାର୍ଯ୍ୟରେ ଲଗାଇଥିଲେ। ଅର୍ଥ ମଧ୍ୟ ଦେଉଥିଲେ। କୌଶଳକ୍ରମେ ତାଙ୍କ ସହ ପରିଚିତ ଥିବା କେତେଜଣ ବ୍ୟକ୍ତି ତାଙ୍କୁ ସେଠାରୁ ଖସାଇ ଗୋରଖପୁର ଅଞ୍ଚଳକୁ ନେଇଯାଇ ରଖିଥିଲେ। ଗାଁ ନାଁ ମନେ ପଡୁ ନ ଥିବାରୁ ସେଠାରେ ତାଙ୍କୁ ବିବାହ କରାଇ ଦେଇଥିଲେ। ହଠାତ୍ ଦିବାକର ସ୍ମରଣଶକ୍ତି ଫେରିପାଇବା ପରେ ଘରକୁ ଏକ ପୋଷ୍ଟକାର୍ଡ ପଠାଇ ନିଜ ସମସ୍ତ ବିଷୟ ଉଲ୍ଲେଖ କରିଥିଲେ। ପରେ ସାନଭାଇ ବାପି ରାଉଳ ଗୋରଖପୁର ଯାଇ ବଡଭାଇ ସହ ତାଙ୍କର ସ୍ତ୍ରୀ ଓ ପିଲାଛୁଆଙ୍କୁ ଧରି ଘରକୁ ଆସିଥିଲେ । ବଡପୁଅକୁ ଝୁରି ଝୁରି ଅସୁସ୍ଥ ହୋଇପଡିଥିବା ମା' ପୂର୍ଣ୍ଣିମା ଓ ବାପା ବନମାଳୀ ପୁଅକୁ ଦେଖି ଖୁସି ବ୍ୟକ୍ତ କରିଛନ୍ତି।


ପରିବାର ଲୋକଙ୍କ ସହ ଦିବାକର।

## ପିଆର୍‌ଏମ୍ ମେଡିକାଲ ଚୁକ୍ତିଭିତ୍ତିକ ଆଟେଣ୍ଡାଣ୍ଟଙ୍କ ଧାରଣା

**ବାରିପଦା ଅଫିସ,୩୦।୭**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ କାର୍ଯ୍ୟରତ ୭୦ ଆଟେଣ୍ଡାଣ୍ଟ ଦରମାରୁ ବଞ୍ଚିତ ହୋଇ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। କଟକର ଏକ ଠିକା ସଂସ୍ଥା ଜରିଆରେ ସମସ୍ତେ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇ ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ କାର୍ଯ୍ୟ କରି ଆସୁଛନ୍ତି। ଠିକା ସଂସ୍ଥା ଯଥା ସମୟରେ ଦରମା ପ୍ରଦାନ କରୁ ନ ଥିବାରୁ ସେମାନେ ମେଡିକାଲ ଅଧୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ଏଥିରେ ସୁଫଳ ନ ମିଳିବାରୁ ଶୁକ୍ରବାର ପୂର୍ବାହ୍ନରୁ ସମସ୍ତେ କାର୍ଯ୍ୟ ବନ୍ଦ କରି ଧାରଣାରେ ବସିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ମେଡିକାଲ କଲେଜ ଓ ହସ୍ପିଟାଲକୁ ଅଚଳ କରାଯିବ ବୋଲି ଚେତାବନୀ ସେମାନେ ଦେଇଛନ୍ତି ।

# ଘରେ ପଶିଲା ବର୍ଷାପାଣି

### ପୌରପାଳିକା କାର୍ଯ୍ୟାଳୟରେ ତାଲା ପକାଇ ପ୍ରତିବାଦ

**କେନ୍ଦୁଝର, ୩୦।୭ (ସ୍ୱ.ପ୍ର./ଡି.ଏନ.ଏ.)**

ଲଗାଣ ବର୍ଷା ଯୋଗୁ କେନ୍ଦୁଝର ସହରରେ କୃତ୍ରିମ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଲୋକଙ୍କ ଘରେ ବର୍ଷା ପାଣି ଜମି ରହିଛି। ଏହାର ପ୍ରତିବାଦରେ ସହରବାସୀ ଶୁକ୍ରବାର କେନ୍ଦୁଝରଗଡ଼ ପୌରପାଳିକା କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ମଦନମୋହନ କର ଗଳିରେ ବସବାସ କରୁଥିବା ଲୋକେ ପୂର୍ବରୁ ଏହି ସମସ୍ୟା ନେଇ ଅଭିଯୋଗ କରିଆସୁଥିଲେ ହେଁ ସମାଧାନ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ପମ୍ପ ଜରିଆରେ ଅଗ୍ନିଶମ ବିଭାଗ ଓ ପୌରପାଳିକା ପକ୍ଷରୁ ପାଣି ନିଷ୍କାସନ ପାଇଁ ପ୍ରତିଶ୍ରୁତି ମିଳିବା ପରେ ଫାଟକରୁ ତାଲା ଖୋଲାଯାଇଥିଲା।

ପ୍ରକାଶ ଯେ, କେନ୍ଦୁଝର ସହରରେ ସୌନ୍ଦର୍ଯ୍ୟକରଣ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ଡ୍ରେନେଜ, ରାସ୍ତା ସମସ୍ୟାକୁ ଅଣଦେଖା କରାଯାଉଥିବା ଅଭିଯୋଗ କରି ଜନଅସନ୍ତୋଷ ବଢୁଛି। ସହରର କାଶିପୁର, ଜଗନ୍ନାଥପୁର, ସ୍ୱଞ୍ଜ କଲୋନୀ, ବ୍ୟାଙ୍କ କଲୋନୀ, ଡିଏଭି ସ୍କୁଲ, ଭାଲୁକିପଟଳା, ମାଗୁରଗାଡିଆ, ଧୋବାଡିହା, ପବିତ୍ରଡିହା, ଆଟୋପୁର, ଡାଙ୍ଗରପଡା ଆଦି ଅଞ୍ଚଳ ସାମାନ୍ୟ ବର୍ଷା ହେଲେ ଜଳମଗ୍ନ ହୋଇ ଘରେ ପାଣି ପଶିଯାଉଛି। ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଲୋକଙ୍କୁ ମାସ ମାସ ଧରି ରହିବାକୁ ପଡୁଛି। ସହରର ବିଭିନ୍ନ ସ୍ଥାନରେ ପାଣି ଜମି ରହୁଥିବାରୁ ମଶାମାଛିଙ୍କ ଆଶ୍ରୟସ୍ଥଳ ପାଲଟିଛି। ଏହାର ମୁଖ୍ୟ କାରଣ ରାସ୍ତା ଓ ଡ୍ରେନେଜ୍ ସମସ୍ୟା ହୋଇଥିଲେ ମଧ୍ୟ ସ୍ଥାୟୀ ସମାଧାନ କରାଯାଉ ନ ଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି।


ପୌରପାଳିକା ଅଫିସ ଫାଟକ ସମ୍ମୁଖରେ ଲୋକେ ପ୍ରତିବାଦ କରୁଛନ୍ତି।

## ୫ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର

ସୋର,(ଡି.ଏନ.ଏ.): ସୋର ଥାନା ଅଞ୍ଚଳର ଜଣେ ୫ବର୍ଷର ଶିଶୁକନ୍ୟାଙ୍କୁ ସେହି ଅଞ୍ଚଳର ଜଣେ ଯୁବକ ବଳାତ୍କାର କରିଥିବା ନେଇ ପାଡିତାଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗୁରୁବାର ଘର ଲୋକଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଯୁବକଜଣକ ଶିଶୁକନ୍ୟାଙ୍କୁ ଏକ କୁଡିଆ ଭିତରକୁ ଟେକି ନେଇ ବଳାତ୍କାର କରିଛନ୍ତି। ଏନେଇ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

**ଢେଙ୍କିକୋଟ, ୩୦।୭(ଡି.ଏନ.ଏ.):** କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅଧୀନ ଟିକିରା ଗ୍ରାମରେ ଶୁକ୍ରବାର ଚନ୍ଦନ କୁମାର ନାମକ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ତାଙ୍କ ଘର ଗଞ୍ଜାମ ଜିଲାରେ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ସେ ଢେଙ୍କିକୋଟ ଅଞ୍ଚଳରେ ରହି ଜେସିବି ଚଲାଉଥିଲେ। ଶୁକ୍ରବାର ସକାଳେ ଘର ନିକଟସ୍ଥ ଜଙ୍ଗଲରେ ଏକ ଗଛରେ ତାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ଖବର ପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ଈଶ୍ୱର ଚନ୍ଦ୍ର ପ୍ରଧାନ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଚନ୍ଦନଙ୍କ ପରିଚୟ ପାଇବା ପରେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ସେମାନେ ଗଞ୍ଜାମରୁ ଆସି ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଫାଣ୍ଡି ଅଧିକାରୀ ପ୍ରଧାନ କହିଛନ୍ତି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ। ତେବେ ଏ ନେଇ ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

### ବିଦ୍ୟୁତ୍ ଆଘାତରେ ମହିଳାଙ୍କ ମୃତ୍ୟୁ

**ଯୋଡ଼ା,୩୦।୭(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡ଼ା ସହର ଅନ୍ତର୍ଗତ ହୁଡ଼ିସାହିଠାରେ ବିଦ୍ୟୁତ୍ ଆଘାତରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଯାତ୍ରି ବେହେରା। ହିଟରରେ ରୋଷେଇ କରୁଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଯୋଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୧/୨୧) ରୁଜୁ ହୋଇଛି।

### ମହିଳାଙ୍କୁ ବଳାତ୍କାର, ଯୁବକ ଗିରଫ

**ବାଙ୍ଗିରିପୋଷି,୩୦।୭(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଞ୍ଚଳର ଜନୈକା ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସାନପଥରଖମ ଗ୍ରାମର ବାପୁନ ନାଏକ। ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ପୂର୍ବାହ୍ନରେ ପୀଡ଼ିତା ଗାଈ ଚରାଉ ଥିବା ସମୟରେ ଅଭିଯୁକ୍ତ ବାପୁନ ତାଙ୍କୁ ପାଖ ଜଙ୍ଗଲକୁ ଟେକି ନେଇ ବଳାତ୍କାର କରିଥିଲେ। ମହିଳାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଯିବାରୁ ଅଭିଯୁକ୍ତ ସେଠାରୁ ଖସି ପଳାଇଥିଲେ। ଏନେଇ ପୀଡ଼ିତା ବାଙ୍ଗିରିପୋଷି ଥାନାରେ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା(ନଂ.୧୭୦/୨୧) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ସଞ୍ଜୟ କୁମାର ପରିଡ଼ା କହିଛନ୍ତି।

### ବଳାତ୍କାର ଅଭିଯୋଗରେ କନଷ୍ଟେବଲ ଗିରଫ

**ବାରିପଦା ଅଫିସ,୩୦।୭:** ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ପୋଲିସ ବଳାତ୍କାର ଓ ପ୍ରତାରଣା ଅଭିଯୋଗରେ ଜଣେ କନଷ୍ଟେବଲଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେ ହେଲେ ବେତନଟୀ ଥାନା ପଦିପଡ଼ା ଗ୍ରାମର ଅଶୋକ ସୋରେନ। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ. ୭୦୨/୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

ପୋଲିସ ସୂଚନା ଅନୁଯାୟୀ, ବାରିପଦା ଲକ୍ଷ୍ମୀପୋଷିସ୍ଥିତ ୫ମ ବାଟାଲିୟନରେ କନଷ୍ଟେବଲ ଭାବେ କାର୍ଯ୍ୟ କରୁଥିବା ଅଶୋକଙ୍କ ସହ ଜନୈକା ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ସେ ଶାରୀରିକ ସମ୍ବନ୍ଧ ସ୍ଥାପନ କରିଥିଲେ। ପରେ ଯୁବତୀଙ୍କୁ ପ୍ରତାରଣା କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା।

# ନଦୀଶଯ୍ୟା ପୋତିବାକୁ ବିରୋଧ

**ବାରିପଦା ଅଫିସ,୩୦।୭**



ନଦୀଶଯ୍ୟା ପୋତାକୁ ବିରୋଧ କରୁଥିବା ମଧୁବନ ଉନ୍ନୟନ ପରିଷଦ ସଦସ୍ୟମାନେ।

ବାରିପଦା ପୌର ପରିଷଦ ଅଧୀନରେ ଥିବା ୩ଟି ନଦୀଶଯ୍ୟାର ପଥର ପ୍ୟାକିଂକୁ ଭାଙ୍ଗି ମାଟି ପକାଇ ପୋତିବା ଘଟଣାକୁ ସ୍ଥାନୀୟ ଅଞ୍ଚଳବାସୀ ଓ ମଧୁବନ ଉନ୍ନୟନ ପରିଷଦର ସଦସ୍ୟ ବିରୋଧ କରିଛନ୍ତି। ଏ ସଂକ୍ରାନ୍ତରେ ସିନିୟର ସିଟିଜେନ ଫୋରମ ପକ୍ଷରୁ ମଧ ଜିଲାପାଳଙ୍କଠାରେ ଅଭିଯୋଗ କରାଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ପରେ ଉପଜିଲାପାଳ ଅନ୍ୟା ଦାସ, ତହସିଲଦାର ରାମଚନ୍ଦ୍ର ସୋରେନ ଓ କ୍ଷୁଦ୍ର ଜଳସେଚନ ବିଭାଗ ଯନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ କରିଛନ୍ତି ।

ପ୍ରକାଶ ଯେ, ସହର ଦେଇ ପ୍ରବାହିତ ହେଉଥିବା ଶୁଖୁଆଯୋଡ଼ି, ଜରାଳୀ ଓ ସରାଳୀ ନଦୀ ଶଯ୍ୟା ଖନନ ସହିତ ଉଭୟ ପାର୍ଶ୍ୱ ପଥର ପ୍ୟାକିଂ ପାଇଁ ସରକାର କ୍ଷୁଦ୍ର ଜଳସେଚନ ବିଭାଗ ଜରିଆରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ବନ୍ୟା ଭଳି ବିପତ୍ତିରୁ ମୁକୁଳିବା ପାଇଁ ନଦୀରେ ପଥର ପ୍ୟାକିଂ କରାଯାଇ ସହରବାସୀଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇଛି। ପୌରପାଳିକାର ୨୮ଟି ୱାର୍ଡ଼ର ନିଷ୍କାସିତ ଡ୍ରେନ ପାଣି ଏହି ନଦୀଗୁଡ଼ିକ ଦ୍ୱାରା ନିଷ୍କାସିତ ହୋଇଥାଏ । ଉପରୋକ୍ତ ୩ ନଦୀର ଉଭୟ ପାର୍ଶ୍ୱ ଜମିକୁ ଜମି ଦଲାଲମାନେ କମ୍ ଦରରେ କିଣି ତହସିଲ କାର୍ଯ୍ୟାଳୟରେ କିସମ ପରିବର୍ତ୍ତନ କରି ସେଗୁଡ଼ିକ ଘରଡ଼ିହ ଜମି ଭାବରେ ବିକ୍ରି କରୁଛନ୍ତି । ସେହିପରି ପଥରପ୍ୟାକିଂକୁ ଭାଙ୍ଗି ମାଟି ପକାଇ ନଦୀଶଯ୍ୟା ସମତୁଲ କରି ସେମାନେ ଲକ୍ଷ ଲକ୍ଷ ଟଙ୍କାରେ ବିକ୍ରି କରୁଛନ୍ତି। ଏହା ଦ୍ୱାରା ନଦୀଶଯ୍ୟା ସଙ୍କୁଚିତ ହୋଇ ସହରର ଜଳନିଷ୍କାସନ ବ୍ୟବସ୍ଥାକୁ ପ୍ରଭାବିତ କରିବ ବୋଲି ସିନିୟର ସିଟିଜେନ ଫୋରମ ଅଭିଯୋଗ କରିଛି। ପୌରପରଷଦର ୯ ଓ ୧୧ନଂ. ୱାର୍ଡ଼ରେ ଏଭଳି ସମସ୍ୟା ଦେଖାଦେଇଥିବାରୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଓ ମଧୁବନ ଉନ୍ନୟନ ପରିଷଦର ସଦସ୍ୟବୃନ୍ଦ ପହଞ୍ଚି ବିରୋଧ କରିଥିଲେ । ଜମି ଦଲାଲଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଫୋରମର ସଭାପତି ଯୋଗେନ୍ଦ୍ର କୁମାର ପଣ୍ଡା ଓ ମଧୁବନ ଉନ୍ନୟନ ପରିଷଦର ସଭାପତି ରଘୁନାଥ ପଣ୍ଡା ଓ ସମ୍ପାଦକ ବିକ୍ରମ କେଶରୀ ଜେନା ପ୍ରମୁଖ ଦାବି କରିଛନ୍ତି ।

# ମିଶନ ଶକ୍ତି କାର୍ଯ୍ୟାଳୟରେ ତାଲା

**ଭୋଗରାଇ, ୩୦।୭(ଡି.ଏନ.ଏ.)**

ସିଆର୍‌ପି ଓ ଏମ୍‌ବିକେ ପ୍ରାର୍ଥୀ ଚୟନକୁ କେନ୍ଦ୍ର କରି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ସୋହରିଆ ମିଶନ ଶକ୍ତି କାର୍ଯ୍ୟାଳୟରେ ଶୁକ୍ରବାର ମହିଳା ଗୋଷ୍ଠୀ ପକ୍ଷରୁ ତାଲା ପକାଯାଇ ଆନ୍ଦୋଳନ କରାଯାଇଛି। ୫ ମହିଳା ଗୋଷ୍ଠୀର ଆନ୍ଦୋଳନ ଯୋଗୁ ପ୍ରାର୍ଥୀ ଚୟନ କରିବାକୁ ଯାଇଥିବା ବ୍ଲକ କର୍ତ୍ତୃପକ୍ଷ ସେଠାରୁ ଫେରିଆସିଥିଲେ। ବିଭିନ୍ନ ସମସ୍ୟାର ସମାଧାନ କରାଯାଇ ପ୍ରାର୍ଥୀ ଚୟନ କରିବାକୁ ଅଡ଼ି ବସିଛନ୍ତି ମା' ବାଶୁଳୀମାତା, ମା' ବାସନ୍ତୀ, ସୁଭଦ୍ରା, ସନ୍ତୋଷୀ, ଶଙ୍କରୀମାତା ମହିଳା ଗୋଷ୍ଠୀ। ଅପରପକ୍ଷରେ ଦୁଇଟି ମହିଳା ଗୋଷ୍ଠୀର ବିବାଦ ହାଇକୋର୍ଟରେ ବିଚାରଧୀନ ଥିବାରୁ ଜିଲାପାଳ ଓ ବ୍ଲକ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରାର୍ଥୀ ଚୟନ ହେବ ବୋଲି ଆନ୍ଦୋଳନକାରୀମାନେ ପ୍ରାର୍ଥୀ ଚୟନ କରିବାକୁ ଆସିଥିବା ଜିପିଏଲ୍‌ଏଫ୍ କର୍ମକର୍ତ୍ତାଙ୍କୁ କହିଥିଲେ।


ମହିଳା ଗୋଷ୍ଠୀ ପକ୍ଷରୁ ମିଶନ ଶକ୍ତି କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରାଯାଉଛି।

# ଭାଜପା ନଗର ମଣ୍ଡଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ

**କେନ୍ଦୁଝର, ୩୦।୭ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଭାଜପା କାର୍ଯ୍ୟାଳୟରେ ଶୁକ୍ରବାର ନଗର ମଣ୍ଡଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ନଗର ମଣ୍ଡଳ ସଭାପତି ବିଶ୍ୱଜିତ ତ୍ରିପାଠୀ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ସଦର ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ପୂର୍ବତନ ଜିଲା ସଭାପତି ଅଶ୍ୱିନୀ ପଟ୍ଟନାୟକ, ପୂର୍ବତନ ଜିଲା ସାଧାରଣ ସମ୍ପାଦକ ରାମଚନ୍ଦ୍ର ସାହୁ, ଜିଲା ଉପସଭାପତି ଗୋପୀନାଥ ରାମ, ଜିଲା ସମ୍ପାଦକ ଶିବ କୁମାର ରାଠୋର, ପୂର୍ବତନ ଉପସଭାପତି ସାବିତ୍ରୀ ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କିରଣବାଳା ନାୟକ, ମହିଳା ମୋର୍ଚ୍ଚାର ନଗର ସଭାପତି ରତ୍ନମଣି ସେଠୀ, ନଗର ଯୁବମୋର୍ଚ୍ଚା ସଭାପତି ପ୍ରିୟବ୍ରତ ଜେନା ପ୍ରମୁଖ ଯୋଗ ଦେଇଥିଲେ। ବିଧାୟକ ମାଝୀ କହିଥିଲେ, ୭ ଦିନ ତଳେ ଜିଲାରେ ପ୍ରକାଶ ପାଇଥିବା ଆବାସ ତାଲିକାରେ ଅଧିକାଂଶ ଧନୀ ଲୋକଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହାର ତଦନ୍ତ କରାଯାଇ ପୁନଃ ଯାଞ୍ଚ କରି ଗରିବ, ଅସହାୟ ଏବଂ ପକ୍କାଘର ନ ଥିବା ଲୋକଙ୍କୁ ଆବାସ ଦିଆଯାଉ। ବୈଠକରେ ରାଜନୈତିକ ଚିଠା ପ୍ରସ୍ତାବ ପାରିତ କରାଯାଇ ଲୋ ଭୋଲ୍‌ଟେଜ, ଅହେତୁକ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ନିଷ୍ପତ୍ତି ପ୍ରତ୍ୟାହାର ପାଇଁ ଦାବି କରାଯାଇଥିଲା। ସହର ମଧ୍ୟରେ ରାସ୍ତା, ଡ୍ରେନ୍, ଟ୍ରାଫିକ ସମସ୍ୟା ଦୂର ପାଇଁ ତୁରନ୍ତ ପଦକ୍ଷେପ ଲାଗି ଦାବି ରଖାଯାଇଥିଲା। ଭାଜପା ନଗର ଉପସଭାପତି ବବିତା ରାମ ଧନ୍ୟବାଦ ଅର୍ପଣ ଦେଇଥିଲେ। ନଗର ସମ୍ପାଦକ ପ୍ରିୟଙ୍କା ସିଂ ରାଣା, ମନମୋହିନୀ ଜେନା, ଦୁର୍ଗାଚରଣ ବାରିକ, ନଗର ମଣ୍ଡଳ ସାଧାରଣ ସମ୍ପାଦକ ନିଶିତ ପଟ୍ଟନାୟକ ସଭା ପରିଚାଳନା କରିଥିଲେ।

# ୪ ଜିଲାରେ ହେବ ସର୍ବେକ୍ଷଣ ଶିବିର

**ବାଲେଶ୍ୱର ଅଫିସ, ୩୦।୭**

**ପଞ୍ଚାୟତ ନିର୍ବାଚନ ପାଇଁ କଂଗ୍ରେସର ପ୍ରସ୍ତୁତି**

ବାଲେଶ୍ୱର ସହର ମୋତିଗଞ୍ଜସ୍ଥିତ ଜିଲା କଂଗ୍ରେସ ଭବନରେ ଶୁକ୍ରବାର ଆସନ୍ତା ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ (ଆର୍‌ଜିପିଆର୍‌ଏସ୍) ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ବୈଠକରେ ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ ଅଧ୍ୟକ୍ଷତା କରିଥିଲେ। ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ ଓ କେଉଁଝର ଜିଲା ନେତୃତ୍ୱମାନେ ଯୋଗଦେଇ ଆଗାମୀ ଦିନ ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି। ଏହି ୪ ଜିଲାର ପଞ୍ଚାୟତ, ବ୍ଲକ ଓ ଜିଲା ପରିଷଦ ଜୋନ୍‌ସ୍ତରର କର୍ମୀ ଓ ସଂଯୋଜକମାନଙ୍କର ସର୍ବୋଦୟ ଶିବିର ଆସନ୍ତା ଅଗଷ୍ଟ ୨୫ ଓ ୨୬ତାରିଖରେ ନୀଳଗିରିଠାରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଶିବିରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଜାତୀୟ ଅଧ୍ୟକ୍ଷା ମିନାକ୍ଷୀ ନଟରାଜନ ଓ ଉପାଧ୍ୟକ୍ଷ ହର୍ଷବର୍ଦ୍ଧନ ସତପଲ ଯୋଗ ଦେବେ। ବୈଠକରେ କେନ୍ଦ୍ରୀୟ କମିଟିର ଓଡ଼ିଶା ପ୍ରଭାରୀ କୁନାଲ ବାନାର୍ଜୀ ଯୋଗଦେଇ ସମ୍ପ୍ରତି ଦେଶର ସୁରକ୍ଷା ପାଇଁ ଆଦର୍ଶଗତ ଲଢ଼େଇ ନିମନ୍ତେ ପ୍ରସ୍ତୁତ ହେବାକୁ ଆହ୍ୱାନ ଦେଇଥିଲେ। ଜିଲା ସଭାପତି ସଞ୍ଜୀବ ଗିରି, ମୟୂରଭଞ୍ଜ ଓ କେଉଁଝର ଜିଲାର ଜୋନ ସଂଯୋଜକ ନିରୋଜ ଲୋଚନ ଦାଶ, ଭଦ୍ରକ ଓ ବାଲେଶ୍ୱର ଜିଲାର ଜୋନ ସଂଯୋଜକ ନଳିନୀ ମହାନ୍ତି, ମୟୂରଭଞ୍ଜ ସଂଯୋଜକ ମୀନକେତନ ବେହେରା, ବାଲେଶ୍ୱର ସଂଯୋଜକ ବିଜୟ ମହାନ୍ତି, ଭଦ୍ରକ ସଂଯୋଜକ ପ୍ରଦ୍ୟୁମ୍ନ ଦାସ, କେଉଁଝର ସଂଯୋଜକ ସୁଦର୍ଶନ ପାଇକରାୟ, ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦକ ଅର୍ଚ୍ଚନା ନନ୍ଦୀ, ଜିଲା କଂଗ୍ରେସର ସାଧାରଣ ସମ୍ପାଦକ ଦେବଦତ୍ତ ଦାସ, ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ ପ୍ରମୁଖ ଯୋଗ ଦେଇଥିଲେ।



ପ୍ରସ୍ତୁତି ବୈଠକରେ କଂଗ୍ରେସ କର୍ମକର୍ତ୍ତା।

# ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ

**ଭଦ୍ରକ ଅଫିସ, ୩୦।୭**

ଭଦ୍ରକ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ଜିଲା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ସମସ୍ୟା ନେଇ ଆନ୍ଦୋଳନ କରାଯାଇଥିଲା। ଦୀର୍ଘଦିନ ଧରି ସ୍ଥାୟୀ ସବ୍ ରେଜିଷ୍ଟ୍ରାର ନ ଥିବାରୁ ଜମିଜମା କ୍ରୟ ଓ ବିକ୍ରୟ କରିବା ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷେ ଦୈନିକ ୨୦୦ରୁ ଅଧିକ ଲୋକ ଦଲିଲ ପାଇଁ ଆସୁଥିବା ବେଳେ ସେମାନଙ୍କ ପାଇଁ ପାନୀୟ ଜଳ, ପାର୍କିଂ, ପରିଶ୍ରାଗାର, ବସିବା ପାଇଁ ବ୍ୟବସ୍ଥା ନ ଥିବା ଅଭିଯୋଗ ହୋଇଛି। ବିଶେଷକରି ବର୍ଷାଦିନେ ଜଳ ନିଷ୍କାସନ ଲାଗି ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଲୋକଙ୍କୁ ଆଣ୍ଠୁଏ ପାଣିରେ ପଶି କାର୍ଯ୍ୟାଳୟ ଆସିବାକୁ ପଡୁଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ବିକାଶ ଶ୍ରେଷ୍ଠାଙ୍କ ନେତୃତ୍ୱରେ ଡ. ପ୍ରଦୀପ ନାୟକ, ଅଶୋକ ପରିଜା, ହରପ୍ରିୟା ସାହୁ, ସତ୍ୟବ୍ରତ ଦାସ, ଉମାକାନ୍ତ ସାହୁ, ପ୍ରଭାକର ସାମଲ, ଆଦିକନ୍ଦ ନାୟକ, ଶଶାଙ୍କ ଶେଖର ମିଶ୍ର, ରାମଚନ୍ଦ୍ର ନାୟକ ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ। ଶେଷରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।


ଆନ୍ଦୋଳନରେ ସାମିଲ ହୋଇଥିବା ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତା।

# କଂଗ୍ରେସର ପଞ୍ଚାୟତ, ୱାର୍ଡସ୍ତରୀୟ ନୂଆ କମିଟି

**ବନ୍ତ,୩୦।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ କଂଗ୍ରେସ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ସାଙ୍ଗଠନିକ ବୈଠକ ମାଧ୍ୟମରେ ପଞ୍ଚାୟତ ଏବଂ ୱାର୍ଡସ୍ତରୀୟ କମିଟି ଗଠନ କରାଯାଉଛି। ଶୁକ୍ରବାର ଗଣିଜାଙ୍ଗ ପଞ୍ଚାୟତ ବିନାୟକପୁରଠାରେ ଅନୁଷ୍ଠିତ ବୈଠକରେ ବିଷ୍ଣୁମୋହନ ପଣ୍ଡା ସଭାପତିତ୍ୱ କରିଥିଲେ। ଏଥିରେ ଜିଲା ସଭାପତି ସୁବ୍ରତ କୁମାର ଦାସ, ସାଧାରଣ ସମ୍ପାଦକ ସ୍ମୃତିରଞ୍ଜନ ସ୍ୱାଇଁ, ସଂଯୋଜକ ପ୍ରଦ୍ୟୁମ୍ନ କୁମାର ଦାସ, ଜିଲା ମୁଖପାତ୍ର ଭବେନ୍ଦ୍ର ସାହୁ, ବ୍ଲକ ସଭାପତି ରାଜକିଶୋର ସ୍ୱାଇଁ, ଉପସଭାପତି ନିରଞ୍ଜନ ମଲ୍ଲିକ, ସାଧାରଣ ସମ୍ପାଦକ ମାର୍କଣ୍ଡ ବେହେରା ଓ ପୂର୍ବତନ ବ୍ଲକ ସଭାପତି ଲକ୍ଷ୍ମୀଧର ସାହୁ ଯୋଗ ଦେଇଥିଲେ। ବ୍ଲକ କମିଟିର ଅନୁମୋଦନ କ୍ରମେ ପଞ୍ଚାୟତ ଓ ୧୯ ୱାର୍ଡ କମିଟିର ମନୋନୀତ ତାଲିକା ବୈଠକରେ ଉପସ୍ଥାପନ କରାଯାଇଥିଲା। ବୈଠକରେ ୧୯ ୱାର୍ଡର ବହୁ କର୍ମୀ ଯୋଗ ଦେଇଥିଲେ।

# ପାଟଣାରେ କାର୍, ଭୁବନେଶ୍ୱରରେ କଟାଗଲା ଚାଲାଣ

**ପାଟଣା,୩୦।୭(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣାରେ ଥିବା ଏକ କାର୍ ଭୁବନେଶ୍ୱରରେ ଦ୍ରୁତଗତିରେ ଚାଳନା ପାଇଁ ଚାଲାଣ କଟାଯିବା ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ଗାଡ଼ି ମାଲିକ ଭୁବନେଶ୍ୱର ଆର୍‌ଟିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଡା. ଲକ୍ଷ୍ମଣ କୁମାର ମହାନ୍ତଙ୍କ ସରକାରୀ କ୍ୱାର୍ଟର୍ସ ସମ୍ମୁଖରେ ତାଙ୍କ କାର୍ (ନଂ.ଓଡି୦୨ଏଏକ୍ସ ୫୦୮୨) ରହୁଛି। କିନ୍ତୁ ଗୁରୁବାର ସନ୍ଧ୍ୟାରେ ଉକ୍ତ ଗାଡ଼ିଟି ଭୁବନେଶ୍ୱର ସିଆର୍‌ପି ଫ୍ଲାଏଓଭରରେ ଦ୍ରୁତଗତିରେ ଚାଲୁଥିବା ଦର୍ଶାଇ ଡା. ମହାନ୍ତଙ୍କ ମୋବାଇଲ ନମ୍ବରକୁ ୭ ହଜାର ଟଙ୍କାର ଚାଲାଣ ପଠାଯାଇଛି।

୩ ବର୍ଷ ତଳେ କକା ଗୋକୁଳ ଚନ୍ଦ୍ର ମହାନ୍ତଙ୍କ ନାଁରେ ଏହି କାର୍ କିଣାଯାଇଥିଲେ ହେଁ ଡା. ମହାନ୍ତ ବ୍ୟବହାର କରୁଛନ୍ତି। ୩ ବର୍ଷ ମଧ୍ୟରେ ତାଙ୍କ ଗାଡ଼ି କେବେ ସିଆର୍‌ପି ଫ୍ଲାଏଓଭର ଦେଇ ଯାଇନାହିଁ ବୋଲି ସେ କହିଛନ୍ତି। ଭୁଲ୍ ବଶତଃ ତାଙ୍କ ପାଖକୁ ଚାଲାଣ ପଠାଯାଇଛି କିମ୍ବା କେହି ଦୁର୍ବୃତ୍ତ ତାଙ୍କ କାର୍‌ର ନକଲି ନମ୍ବରପ୍ଲେଟ ବ୍ୟବହାର କରୁଛନ୍ତି। ତେବେ ତଦନ୍ତ କରାଯାଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ କହିଛନ୍ତି।

# ଓକିଲ ସଂଘ କାର୍ଯ୍ୟକାରୀ ପରିଷଦ ବୈଠକ

**ବାରିପଦା ଅଫିସ,୩୦।୭**

ମୟୂରଭଞ୍ଜ ଜିଲା ଓକିଲ ସଂଘ ବାରିପଦାର କାର୍ଯ୍ୟକାରୀ ପରିଷଦ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସମ୍ପାଦକ ବସନ୍ତ କୁମାର ଭୋଳଙ୍କ ଦ୍ୱାରା ଆହୂତ ବୈଠକରେ ବାଲେଶ୍ୱର ଜଜ୍‌ସିପ୍ ଷ୍ଟିଅରିଂ କମିଟିରେ ଅଧ୍ୟକ୍ଷଙ୍କ ଚିଠିନଂ. ଏ-୧୧ ଅନୁଯାୟୀ ସୋର ଓକିଲ ସଂଘର ଆଇନଜୀବୀ ଧୀରେନ କୁମାର ଦାସଙ୍କୁ ନୟାପଲ୍ଲୀ ଓ ସୋର ପୋଲିସର ଅମାନବୀୟ ଅତ୍ୟାଚାର ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ପୋଲିସର ବର୍ବରଚିତ ଓ ଅମାନବୀୟ ଆଚରଣକୁ ଦୃଢ ଭାବେ ନିନ୍ଦା କରାଯାଇଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ଦୀର୍ଘ ୨୫ ଦିନ ବିତିଯାଇଥିଲେ ମଧ ଦୋଷୀ ପୋଲିସ କର୍ମଚାରୀଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ସଂଘର କର୍ମକର୍ତ୍ତାମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଂଘର ସଭାପତି ପ୍ରବୀର କୁମାର ବସା, ଉପସଭାପତି ସୁଜାତା ମିଶ୍ର, ସ୍ୱରୂପ କୁମାର ମିଶ୍ର, ଅରବିନ୍ଦ ସାହୁଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ ।

# ଖଣି ମାଫିଆଙ୍କ ଆକ୍ରମଣରେ ଖବରଦାତା ଆହତ

**ଖଇରା, ୩୦।୭(ଡି.ଏନ.ଏ.)**

ତହସିଲଦାରଙ୍କ ଦ୍ୱାରା ଧରାଯାଇଥିବା ଏକ ଟ୍ରାକ୍ଟର ଫଟୋ ଉଠାଉଥିବା ବେଳେ ଖଣି ମାଫିଆଙ୍କ ଆକ୍ରମଣରେ କୈଳାସ ଚନ୍ଦ୍ର ଦାସ ନାମକ ଜଣେ ଖବରଦାତା ଆହତ ହୋଇଛନ୍ତି। ଏନେଇ ଦାସ ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଖଇରା ତହସିଲଦାର ମହେନ୍ଦ୍ର ପ୍ରସାଦ ବେହେରା ଖଣି ଅଞ୍ଚଳରୁ ୨ ଟ୍ରାକ୍ଟର ଜବତ କରି ଖଇରା ତହସିଲକୁ ଆଣୁଥିଲେ । ଏହି ସମୟରେ ଅର୍ଜୁନପୁର ଛକ ନିକଟରେ ଛିଡା ହୋଇଥିବା ଖବରଦାତା ଦାସ ଉକ୍ତ ଟ୍ରାକ୍ଟରର ଫଟୋ ଉଠାଉଥିବା ବେଳେ ୨ଖଣି ମାଫିଆ ଏକ ବାଇକରେ ଆସି ଏକ ବେଲଚା (ଚିପ୍ସ ଉଠାଯିବା ପାଇଁ ବ୍ୟବହୃତ ସାମଗ୍ରୀ)ରେ ନିସ୍ତୁକ ମାଡ ମାରିଥିଲେ । ତାଙ୍କ ପେଟ ଓ ଆଣ୍ଠୁରେ ଗଭୀର କ୍ଷତ ସୃଷ୍ଟି ହୋଇଛି।

# ୨ ସପ୍ତାହରେ ସତ୍ୟପାଠ ଦାଖଲ କରିବେ ଜିଲାପାଳ

**କେନ୍ଦୁଝର, ୩୦।୭ (ସ୍ୱ.ପ୍ର.)**

**ମାଙ୍କଡ଼ା ପଥର ଚୋରା କାରବାର ମାମଲା**

କେନ୍ଦୁଝର ଜିଲା ଘସିପୁରା ତହସିଲ ଅଧୀନ ମଦନପୁର ଖଣିରୁ ମାଙ୍କଡ଼ା ପଥର ଚୋରା କାରବାର ମାମଲା ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ବିଚାରାଧୀନ ଥିବାବେଳେ ଏନେଇ ସରକାରଙ୍କ ପକ୍ଷରୁ ରିପୋର୍ଟ ଦାଖଲ ପାଇଁ ୨ ସପ୍ତାହ ମହଲତ ମାଗିଥିବା ଜଣାପଡ଼ିଛି। ଏଣୁ ଦୁଇ ସପ୍ତାହ ମଧ୍ୟରେ କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ ଏ ସଂକ୍ରାନ୍ତରେ ସତ୍ୟପାଠ ଦାଖଲ କରିବେ। ଉକ୍ତ ସ୍ଥାନରୁ ହୋଇଥିବା କ୍ଷତି କିପରି ଭରଣା କରାଯିବ ତା'ର ସବିଶେଷ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବା, କମିଟି ଦ୍ୱାରା ଧାର୍ଯ୍ୟ ପରିବେଶୀୟ କ୍ଷତି ପରିମାଣ ବାବଦକୁ ଅର୍ଥ ଆଦାୟ ହୋଇଛି କି ନାହିଁ, ଯଦି ନ ହୋଇଛି ତେବେ କ'ଣ ପଦକ୍ଷେପ ନିଆଯାଇଛି, ସେ ନେଇ ସବିଶେଷ ତଥ୍ୟ ସତ୍ୟପାଠ ଜରିଆରେ ଦେବାକୁ କୁହାଯାଇଛି।

ସେହିପରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଉକ୍ତ ମାଙ୍କଡ଼ା ଖଣି ଯୋଗୁ ହୋଇଥିବା ପରିବେଶୀୟ କ୍ଷତି ଭରଣ ପାଇଁ କ'ଣ ପଦକ୍ଷେପ ନିଆଯାଇଛି ସେନେଇ ସତ୍ୟପାଠ ଦାଖଲ ନିମନ୍ତେ କୁହାଯାଇଛି। ଏନ୍‌ଜିଟି ପକ୍ଷରୁ ଗତ ୨୮ ତାରିଖରେ ଏହି ଆଦେଶ ଆସିଥିବା ବେଳେ ପରବର୍ତ୍ତୀ ଶୁଣାଣି ପାଇଁ ଅଗଷ୍ଟ ୧୮ ଧାର୍ଯ୍ୟ କରାଯାଇଛି। ଉକ୍ତ ସ୍ଥାନର ପୁନଃ ଅବସ୍ଥା ଫେରାଇ ଆଣିବା, ମରାମତି ଏବଂ ଥଇଥାନ ବ୍ୟବସ୍ଥା ବାବଦକୁ ୭ କୋଟି ୩୦ ଲକ୍ଷ ଟଙ୍କା ଆବଶ୍ୟକ ବୋଲି ପୂର୍ବରୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସ୍ୱତନ୍ତ୍ର କମିଟି ଆକଳନ କରିଛି। ଏହି ଟଙ୍କା ଆଦାୟ ହୋଇଛି କି ନାହିଁ ସେନେଇ ଟ୍ରିବ୍ୟୁନାଲ ପାଖରେ ରିପୋର୍ଟ ପହଞ୍ଚି ନ ଥିବାବେଳେ ୨୩, ୫୩, ୩୬୪ ଟଙ୍କା ଫାଇନ ବାବଦକୁ ଆଦାୟ ହୋଇଥିବା ଜଣାପଡ଼ିଛି। ଏହି ଶୁଣାଣି ବେଳେ ଅଭିଯୋଗକାରୀଙ୍କ ଓକିଲ ଶଙ୍କର ପ୍ରସାଦ ପାଣି, ସରକାରଙ୍କ ତରଫରୁ ଅତିରିକ୍ତ ଷ୍ଟାଣ୍ଡିଂ କାଉନସେଲ ସମାପିକା ମିଶ୍ର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଆଇନଜୀବୀ ପାପିଆ ବାନାର୍ଜୀ ବିହାନୀ ଓ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସୁରେନ୍ଦ୍ର କୁମାର ଉପସ୍ଥିତ ଥିଲେ।

# ଭାଲୁ ଆକ୍ରମଣରେ ଯୁବକ ଗୁରୁତର

**ସାରସକଣା,୩୦।୭(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଅଞ୍ଚଳରେ ଭାଲୁ ଆତଙ୍କ ଦେଖାଦେଇଛି। ଶୁକ୍ରବାର ପାକଟିଆ ପଞ୍ଚାୟତ ଅନ୍ତର୍ଗତ ଦିଘି ଗ୍ରାମର ଭଜରାୟ ମାଝୀ(୪୮) ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଭୋର ସମୟରେ ସେ ବିଲକୁ ଯାଉଥିବା ବେଳେ ୩ଟି ଭାଲୁ ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ଦୁଇ ହାତ ଓ ମୁହଁରେ କ୍ଷତ ସୃଷ୍ଟି ହେବା ସହ ଆଖିପତାରୁ ଭାଲୁ ମାଂସ ତାଡ଼ି ନେଇଥିବା ଦେଖିବାକୁ ମିଳିଛି। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଭଜରାୟଙ୍କୁ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ପରିବାର ଲୋକେ କହିଛନ୍ତି।

# ଉପଜିଲାପାଳଙ୍କ ଦ୍ୱାରସ୍ଥ ହିତାଧିକାରୀ

**ଚମ୍ପୁଆ, ୩୦।୭(ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅଧୀନ ଉଚ୍ଚବାଲି ପଞ୍ଚାୟତ ନନ୍ଦପୁର ଗ୍ରାମର ଜଣେ ହିତାଧିକାରୀ ଛେଳି ଗୁହାଳ ନିର୍ମାଣର ୩ ବର୍ଷ ପରେ ବି ବକେୟା ବିଲ୍ ନ ପାଇବାରୁ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରକାଶ ଯେ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ (ମହାତ୍ମା ଗାନ୍ଧୀ ଜାତୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଗ୍ରାମର ନାରାୟଣ ବେହେରାଙ୍କୁ ଛେଳି ଗୁହାଳ ପାଇଁ ୨୦୧୮ ଅଗଷ୍ଟ ୩୦ରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଉକ୍ତବର୍ଷ ଡିସେମ୍ବର ୧୫ ସୁଦ୍ଧା ନିର୍ମାଣ ସାରିବାକୁ କୁହାଯାଇଥିଲା। ନାରାୟଣ ନିର୍ମାଣ କାର୍ଯ୍ୟ ଶେଷ କରିବା ପରେ ଲେବର ବାବଦକୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ବକେୟା ୩୦ ହଜାର ଏଯାଏ ପୈଠ କରାଯାଇ ନାହିଁ। ଏନେଇ ସେ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଯାଉଥିଲେ ମଧ ସମ୍ପୃକ୍ତ ଯନ୍ତ୍ରୀ ଆଜି କାଲି କହି ଦିନ ଗଡ଼ାଇ ଚାଲିଛନ୍ତି। ୩ ବର୍ଷରେ ୩ ଯନ୍ତ୍ରୀଙ୍କ ବଦଳି ହୋଇଗଲାଣି। ଶେଷରେ ସେ ଚମ୍ପୁଆ ଉପଜିଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ସହକାରୀ ଜିଲାପାଳ ଚାରୁଲତା ସିଂଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ସହକାରୀ ଜିଲାପାଳ ସିଂ କହିଛନ୍ତି।


ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ହିତାଧିକାରୀ ନାରାୟଣ ବେହେରା।

